# ମା' ଭୈରବୀଙ୍କ ପୀଠରେ ବାର୍ଷିକ ଯଜ୍ଞ ଉତ୍ସବ

ବାସୁଦେବପୁର,୨୯।୧୧(ନାରାୟଣ ପ୍ରସାଦ ବାରିକ୍)



ବାସୁଦେବପୁର ପୌରପାଳିକା ଭୈରବପୁର ଗ୍ରାମର ଆରାଧ୍ୟଦେବୀ ମା' ଭୈରବୀଙ୍କ ପୀଠରେ ବାର୍ଷିକ ପୂଜା ଓ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ଭୈରବୀଙ୍କୁ ଆଳି ଅଳଙ୍କାରରେ ସୁସଜ୍ଜିତ କରାଯିବା ସହ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ପଣ୍ଡିତ ଗଣେଶ ଚନ୍ଦ୍ର ପଣ୍ଡା ଓ ଟୁଟୁ କର ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। କଳସ ଶୋଭାଯାତ୍ରା, ସଂକଳ୍ପ, ଘଟପୂଜା, ସୂର୍ଯ୍ୟ ଓ ନାରାୟଣ ପୂଜା', ମା' ଭୈରବୀଙ୍କ ସ୍ନାନ ଉପଚାର ପୂଜା, ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଚଣ୍ଡୀପାଠ ପରେ ପୂର୍ଣ୍ଣାହୁତି ହୋଇଥିଲା।

# ବର୍ଷା ଯୋଗୁ ଚାଷୀଙ୍କୁ ଘାରିଛି ଚିନ୍ତା

## ବିଲରେ ପଡ଼ିଛି କଟାଧାନ

ନଳାଙ୍ଗ,୨୯।୧୧(ସାଇଶଙ୍କର ମହାକୁଳ)



ଏକ ବିଲରେ କଟା ହୋଇ ପଡ଼ିଥିବା ଧାନ।

ଭଦ୍ରକରେ ଶୁକ୍ରବାର ମଧ୍ୟମ ଧରଣର ବର୍ଷା ହେବା ପରେ ଧାନ ଚାଷୀଙ୍କୁ ଚିନ୍ତା ଘାରିଛି। ପ୍ରାୟ ୯୦ ଭାଗ ଜମିରେ ଧାନ ପାଚି ଅମଳ ହେବା ଉପରେ। କିଛି କ୍ଷେତରେ ଧାନ କଟାଯାଇ ପଡ଼ିଛି। ଆଉ କିଛି ଧାନ ମେଶିନ ସାହାଯ୍ୟରେ କଟାଯାଇ ବିଲରୁ ଘରକୁ ନିଆଯାଇଛି। କିନ୍ତୁ ହାତରେ କଟା ଯାଇଥିବା ପ୍ରାୟ ୮୦ ପ୍ରତିଶତ ଧାନ ବିଲରେ ପଡ଼ି ରହିଛି। ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଭଦ୍ରକରେ ସମୟ ସମୟରେ ଝିପିଝିପି ବର୍ଷା ସହ ପାଗ ସମ୍ପୂର୍ଣ୍ଣ ମେଘାଚ୍ଛନ୍ନ ରହିବ ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ମଧ୍ୟମ ଧରଣର ବର୍ଷା ଜାରି ରହିଲେ କଟାଯାଇ ବିଲରେ ପଡ଼ିଥିବା ଧାନ ଗଜା ହୋଇଯିବାର ଆଶଙ୍କା ରହିଛି ବୋଲି ଭଦ୍ରକ ବ୍ଲକ ବେତରା ପଞ୍ଚାୟତର ଚାଷୀ ହିମାଂଶୁ ରାଉତ କହିଛନ୍ତି। ଅପରପକ୍ଷେ ଜମି ନ ଶୁଖିବା ପର୍ଯ୍ୟନ୍ତ ଧାନ କାଟି ହେବ ନାହିଁ। ମୂଳ ପଚି ଗଛ ପଡ଼ିଯିବା ସହ ପୋକ ଲାଗିବାର ଆଶଙ୍କା ରହିଥିବା ପ୍ରକାଶ କରିଛନ୍ତି ଏହି ପଞ୍ଚାୟତର ଚାଷୀ ସୁଶାନ୍ତ ମହାକୁଡ଼, ପଞ୍ଚାନନ ବେହେରା, କଲେଇ ପଞ୍ଚାୟତର ଚାଷୀ ନିର୍ମଳ ସ୍ୱାଇଁ ଓ ଗେଲପୁର ପଞ୍ଚାୟତର ଚାଷୀ ପ୍ରସନ୍ନ ତ୍ରିପାଠୀ। ପ୍ରାୟ ୮୦ରୁ ୯୦ ଭାଗ ଲୋକ ଧାନଚାଷ ଉପରେ ନିର୍ଭର କରି ବର୍ଷତମାମ ପରିବାର ପ୍ରତିପୋଷଣ କରିଥାନ୍ତି। ଚାଷ କାର୍ଯ୍ୟ ଆରମ୍ଭରୁ ଚାଷୀମାନେ ଋଣ କରିବା ସହ ଅମଳ ବଢ଼ାଇବା ପାଇଁ ସାର ଓ କୀଟନାଶକ ଦୋକାନରୁ ବାକିରେ ଆଣିଥାନ୍ତି। ଧାନ ବିକ୍ରି କରି ଏହାକୁ ପରିଶୋଧ କରିବାକୁ ଆଶା ରଖିଥାନ୍ତି। ଯଦି ବର୍ଷା ହୁଏ ତେବେ ଧାନ ଚାଷ ପାଇଁ ଏହା କାଳ ହେବ ବୋଲି ଚାଷୀ ନିରାକାର ଜେନା କହିଛନ୍ତି।

# ବାତ୍ୟା ସହାୟତା ଅର୍ଥ ବିନିଯୋଗରେ ଅଣଦେଖା



ବିଜେଡି ନେତାମାନେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ବିଡିଓଙ୍କୁ ଭେଟିଲେ ବିଜେଡି ନେତା

ତିହିଡ଼ି,୨୯।୧୧(ସଞ୍ଜିତ ବଳ)

ଧାମନଗର ନିର୍ବାଚନମଣ୍ଡଳୀର ତିହିଡ଼ି ବ୍ଲକ ଅଧୀନ ୧୩ ପଞ୍ଚାୟତର ବିଜେଡି ନେତା ଶୁକ୍ରବାର ବିଡିଓଙ୍କୁ ଭେଟି ବାତ୍ୟା 'ଦାନା' ଯୋଗୁ ହୋଇଥିବା ବିଭିନ୍ନ କ୍ଷୟକ୍ଷତି ପାଇଁ ମଞ୍ଜୁର ସହାୟତା ଅର୍ଥ ବିନିଯୋଗରେ ଅଣଦେଖା କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ଉପଯୁକ୍ତ ପଦକ୍ଷେପ ନେବା ସହ ସହମତି ଭିତ୍ତିରେ କାର୍ଯ୍ୟାଦେଶ ପ୍ରଦାନ ପାଇଁ ସେମାନେ ଦାବି ଜଣାଇଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ବାତ୍ୟାରେ ବିଭିନ୍ନ ସ୍ଥାନରେ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର ଓ ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ଏନେଇ ବିଜେଡି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଗ୍ରହଣ କରା ନ ଯାଇ ମନମୁଖୀ ଭାବେ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ପ୍ରକଳ୍ପ କାର୍ଯ୍ୟ କରିବାକୁ ବିଜେଡିର ଲୋକ ପ୍ରତିନିଧିଙ୍କୁ ମଧ୍ୟ ସୁଯୋଗ ଦିଆଯାଉ ନାହିଁ। ଯାହାଦ୍ୱାରା ଲୋକଙ୍କ ସ୍ୱାର୍ଥହାନି ଘଟୁଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବରିଷ୍ଠ ନେତା ଡା. ସଞ୍ଜୟ ଦାସ, ଜିଲା ଉପସଭାପତି ସୁରେନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ, ହରେକୃଷ୍ଣ ଜେନା, ସରପଞ୍ଚ ଜୟଶ୍ରୀ ବେହେରା, ପ୍ରେମଲତା ବିଶ୍ୱାଳ, ଗୌରୀଶଙ୍କର ଜେନା, ସମିତିସଭ୍ୟ ଭାଗୀରଥି ମଲିକ, ଜୀବନଜ୍ୟୋତି ପଲାଇ, ଜୟପ୍ରକାଶ ମଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା, ଶଶଧର ସାମଲ, କମଳାକାନ୍ତ ଦାସ ପ୍ରମୁଖ ବିଡିଓଙ୍କୁ ଭେଟିଥିଲେ। ନିୟମାନୁଯାୟୀ କାର୍ଯ୍ୟ କରାଯାଇଥିବା ବିଡିଓ ଜ୍ୟୋତିର୍ମୟ କର କହିଛନ୍ତି।

# ସାଇବର ଅପରାଧ, ନିଶା ନିବାରଣ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ ସଦସ୍ୟ ଓ ଅନ୍ୟମାନେ।

ଭଦ୍ରକ,୨୯।୧୧(ସନାତନ ରାଉତ)

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ଜିଲା ସଂସ୍କୃତି ଭବନଠାରେ ସାଇବର ଅପରାଧ ଓ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଇବର ଅପରାଧ, ନିଶା ନିବାରଣ ନିମିତ୍ତ ବିଭିନ୍ନ ଯୋଜନା, କାର୍ଯ୍ୟ କ୍ଷେତ୍ରରେ ମହିଳାମାନେ ଯୌନ ଶୋଷଣର ଶିକାର ହେଉଥିବା ସମ୍ବନ୍ଧରେ ଆଲୋଚନା କରାଯାଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଛାତ୍ରୀଛାତ୍ର ନିଶାଠାରୁ ଦୂରେଇ ରହିବାକୁ ନିଶା ନିବାରଣ ନିୟୁ ଲାଇଫ୍‌ର ବିକ୍ରମ କେଶରୀ ଦାସ ପରାମର୍ଶ ଦେଇଥିଲେ। ମହିଳାମାନେ ଯୌନ ଶୋଷଣରୁ କିପରି ମୁକ୍ତି ପାଇପାରିବେ, ସେହି ଆଇନ ସମ୍ପର୍କରେ ମଧ୍ୟ ଆଲୋକପାତ ସହ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଶେଷରେ ସାଇବର କ୍ରାଇମ୍ ଉପରେ ଇନ୍ସପେକ୍ଟର ବନ୍ଦନା ଦେବୀ ଶିକ୍ଷଣୀୟ ଓ ଭିଡିଓ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ବୁଝାଇ କହିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତାକାମ ଅଧାପନ୍ତରିଆ, ଅସୁବିଧା ଭୋଗୁଛନ୍ତି ଲୋକେ

## ଡିସେମ୍ବର ସୁଦ୍ଧା ମରାମତି କାର୍ଯ୍ୟ ନ ସରିଲେ ଅନଶନ ଚେତାବନୀ

ଧୂଷୁରୀ,୨୯।୧୧(ଦୀପ୍ତି ରଞ୍ଜନ ନାୟକ)



କଂଗ୍ରେସ କର୍ମକର୍ତ୍ତା ଜିଲାପାଳ ଦିଲୀପ ରାଉତରାଏଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ ଜିଲାର ପ୍ରମୁଖ ଶୈବପୀଠ ଆରଡ଼ିକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଯାତାୟାତ କରୁଥିବା ବେଳେ ଭଦ୍ରକ-ଆରଡ଼ି ୩୫ ନଂ. ରାଜ୍ୟ ରାଜପଥର ଦୁରାବସ୍ଥା କହିଲେ ନ ସରେ। ପ୍ରାୟ ୩ ବର୍ଷ ହେବ ଜଣେ ଠିକାଦାର ରାସ୍ତା ଖୋଳି କାମ ଅଧାପନ୍ତରିଆ କରିଥିବାରୁ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ମନ୍ଥର ଗତିରେ ରାସ୍ତା କାର୍ଯ୍ୟ ନେଇ ଧୂଷୁରୀ ଅଞ୍ଚଳର କଂଗ୍ରେସ କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କଂଗ୍ରେସର ଏକ ୫ ଜଣିଆ ଟିମ୍ ଶୁକ୍ରବାର ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛି। ଡିସେମ୍ବର ତୃତୀୟ ସପ୍ତାହ ସୁଦ୍ଧା ରାସ୍ତା ମରାମତି କାର୍ଯ୍ୟ ନ ସରିଲେ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବା ସହ ଉକ୍ତ ରାସ୍ତା ଅବରୋଧ କରାଯିବ ବୋଲି ଦାବିପତ୍ର ମାଧ୍ୟମରେ ଚେତାବନୀ ଦିଆଯାଇଛି। କଂଗ୍ରେସର ବରିଷ୍ଠ ନେତା ବିଦ୍ୟାଧର ଜେନା, ଅଭିଷେକ ରାଉତ, ହୃଦାନନ୍ଦ ସେଠୀ, ନିମାଇଁ ଚରଣ ଜେନା, ପ୍ରଦୀପ୍ତ କିଶୋର ଦାସ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# 'ଭବିଷ୍ୟତର ପଥ ପ୍ରଦର୍ଶକ ବରିଷ୍ଠ ନାଗରିକ'



ବରିଷ୍ଠ ନାଗରିକ ପରିଚୟପତ୍ରକୁ ଅତିଥିମାନେ ପ୍ରଦର୍ଶନ କରୁଛନ୍ତି।

## ୯୬ଜଣଙ୍କୁ ବଣ୍ଟାଗଲା ପରିଚୟପତ୍ର

ତିହିଡ଼ି,୨୯।୧୧(ସଞ୍ଜିତ ବଳ)

ଅନେକ ସମୟରେ ଭବିଷ୍ୟତକୁ ରାସ୍ତା ମିଳି ନ ଥାଏ। ଯେଉଁ କାରଣରୁ ଯୁବପିଢ଼ି ପଥ ଭ୍ରଷ୍ଟ ହୋଇଥାନ୍ତି। ଏହି ସଙ୍କଟ ସମୟରେ ବରିଷ୍ଠ ନାଗରିକମାନେ ପଥ ପ୍ରଦର୍ଶକ ହୋଇଥାନ୍ତି ବୋଲି ବରିଷ୍ଠ ନାଗରିକ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତିହିଡ଼ି ଥାନା ପକ୍ଷରୁ ଶୁକ୍ରବାର ଥାନା ପରିସରରେ ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ପୌରୋହିତ୍ୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘର ବ୍ଲକ ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ, ସମ୍ପାଦକ ପି. ହୃଷୀକେଶ, ଜୋନ୍ ସମ୍ପାଦକ ନିତ୍ୟାନନ୍ଦ ମଲ୍ଲିକ, ଇଂ. ମହେଶ ଚନ୍ଦ୍ର ଦାସ, ଶିକ୍ଷାବିତ୍ ବିଭୂତି ଭୂଷଣ ସେନାପତି ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟାର ସମାଧାନ, ସରକାରୀ ଏବଂ ଅନ୍ୟ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ୯୬ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଏସ୍‌ଆଇ ଅରୁନ୍ଧତୀ ବେହେରା ଧନ୍ୟବାଦ ଦେଇଥିଲେ।

ବରିଷ୍ଠ ନାଗରିକ ବିଶ୍ୱମୈତ୍ରୀ ନାୟକ, ସନ୍ନ୍ୟାସୀ ବ୍ରହ୍ମ, ଗଙ୍ଗାଧର ଦତ୍ତ, ଚକ୍ରଧର ଓଝା, ବଳରାମ ପଣ୍ଡା, ରବୀନ୍ଦ୍ର ଦାସ, ଜଗନ୍ନାଥ ନାୟକ, କୃତ୍ତିବାସ ଜେନା, ରମାକାନ୍ତ ନାଥ, ପ୍ରତାପ ଆଚାର୍ଯ୍ୟ, ଜିତେନ୍ଦ୍ର ବେହେରା, ଭାଗୀରଥି ସାହୁ, ମନମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଆଇ ପ୍ରକାଶ ନାୟକ, ଏଏସ୍‌ଆଇ କମଳାକାନ୍ତ ଶତପଥୀ, କୁମୁଦିନୀ ବେହେରା, ପାର୍ଥ ବେହେରା, ଲକ୍ଷ୍ମଣ ମାରାଣ୍ଡି, ଚିତ୍ତରଞ୍ଜନ ବାରିକଙ୍କ ସହ ଥାନା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକ ଦାୟିତ୍ୱ ବିବାଦ: ବିଇଓଙ୍କୁ ଘେରିଲେ ମହିଳା

ଭଣ୍ଡାରିପୋଖରୀ,୨୯।୧୧(ରାଜେନ୍ଦ୍ର ଶତପଥୀ)



ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ।

ଭଣ୍ଡାରିପୋଖରୀ ବ୍ଲକର ଅରେଇକଣା ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ବିବାଦକୁ ନେଇ ଗ୍ରାମର ମହିଳାମାନେ ଶୁକ୍ରବାର ବ୍ଲକ ଶିକ୍ଷାଧିକାରୀଙ୍କୁ ଘେରିଛନ୍ତି। ଗ୍ରାମର ଜଣେ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତାଙ୍କ ପୂର୍ବରୁ ଗ୍ରାମର ଅନ୍ୟ ଜଣେ ତଥା ବିଦ୍ୟାଳୟର ଜଣେ ବରିଷ୍ଠ ଶିକ୍ଷକ ଶିକ୍ଷା ସଂଯୋଜକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବା ପାଇଁ ବିଦ୍ୟାଳୟ ଛାଡ଼ିଥିଲେ। ହେଲେ ଏହି ବିଦ୍ୟାଳୟରୁ ସେ ବେତନ ପାଉଥିଲେ। ଶିକ୍ଷା ସଂଯୋଜକ ଦାୟିତ୍ୱ ସରିବା ପରେ ବିଦ୍ୟାଳୟକୁ ଫେରି ଅନୁରୋଧ ସତ୍ତ୍ୱେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ମାତ୍ର ଏବେ ପ୍ରଧାନ ଶିକ୍ଷକ ଦାୟିତ୍ୱ ପାଇଁ ଅଡ଼ି ବସିବାରୁ ବ୍ଲକ ଶିକ୍ଷାଧିକାରୀ ବରିଷ୍ଠ ଶିକ୍ଷକ ଥିବାରୁ ତାଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରିବାକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚିଠି କରିଥିଲେ। ଏହାକୁ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା ପରିଷଦ ଓ ସ୍ଥାନୀୟ ସରପଞ୍ଚ ବିରୋଧ କରିଛନ୍ତି। ବରିଷ୍ଠ ହୋଇଥିଲେ ବି ବିବାଦୀୟ ହୋଇପଡ଼ିଥିବାରୁ ତାଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରା ନ ଯିବାକୁ ସେମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାକୁ ଏଡ଼ାଇ ଦିଆଯିବାରୁ ଗ୍ରାମର ବହୁ ମହିଳା ଶୁକ୍ରବାର କାର୍ଯ୍ୟାଳୟକୁ ଯାଇ ବିଇଓଙ୍କୁ ଘେରିଥିଲେ। ପ୍ରଧାନ ଶିକ୍ଷକ ପରିବର୍ତ୍ତନ କରା ନ ଯିବାକୁ ସତ୍ୟଭାମା ବେହେରା, ମୀନାକ୍ଷୀ ବାରିକ, ଶାନ୍ତିଲତା ଶଙ୍ଖୁଆ, ସ୍ନେହଲତା ଦାସ, ସନ୍ଧ୍ୟାରାଣୀ ଯେନା ପ୍ରମୁଖ ବିଇଓ ଅଧୀର କୁମାର ତରାଇଙ୍କ ନିକଟରେ ଦାବି କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବିଇଓ ୩ ଦିନ ସମୟ ନେଇଥିବା ଜଣାଯାଇଛି।

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ

## ମଧ୍ୟାହ୍ନଭୋଜନ ବନ୍ଦ ଘଟଣା

ଭଣ୍ଡାରିପୋଖରୀ,୨୯।୧୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ମାଳଦା ପଞ୍ଚାୟତ ଚତୁର୍ଭୁଜପୁର ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନଭୋଜନ ବନ୍ଦ ରହିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଛୁଟିରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣେଶ କୁମାର ରାଉତଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ପ୍ରଶିକ୍ଷଣ ପାଇଁ ୩ ଦିନ ଅନୁପସ୍ଥିତ ରହିବା ସମୟରେ ସହକାରୀ ଶିକ୍ଷୟିତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦାୟିତ୍ୱ ନ ଦେବା କାରଣ ଜଣାଇବାକୁ ନୋଟିସ୍ ଜାରି କରାଯାଇଥିବା ବିଇଓ ଅଧୀର କୁମାର ତରାଇ କହିଛନ୍ତି। ଏଥିସହ ସମ୍ପୃକ୍ତ ଶିକ୍ଷା ସଂଯୋଜକ ଉପଯୁକ୍ତ ତଦାରଖ ନ କରିବା ଓ ମଧ୍ୟାହ୍ନଭୋଜନ ବନ୍ଦ ହେବା ଘଟଣା ଶିକ୍ଷା କାର୍ଯ୍ୟାଳୟକୁ ନ ଜଣାଇବା ପାଇଁ ସହକାରୀ ଶିକ୍ଷୟିତ୍ରୀ ସୁମିତ୍ରା ସାମଲଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ବିଇଓ ପ୍ରକାଶ କରିଛନ୍ତି।

# ଶିଶୁ ଉତ୍ସବ: ଭାଗନେଲେ ୩୨ ବିଦ୍ୟାଳୟର ଛାତ୍ରୀଛାତ୍ର




ଶିଶୁ ଉତ୍ସବରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୨୯।୧୧(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକର ଜଳଧରପୁର ପଞ୍ଚାୟତ ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସଭାପତି ରଞ୍ଜନ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ରଞ୍ଜନ ଦାଶ, ମୁଖ୍ୟବକ୍ତା ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଏବଂ ବିଶିଷ୍ଟ ଅତିଥି ଭାବେ ଜିଲା ସଭାପତି ଶଶିଶେଖର କରଶର୍ମା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଅନୀଲ ମିଶ୍ର, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ନିର୍ମଳା ସାହୁ, ସାମାଜିକ କର୍ମୀ ଲମ୍ବୋଦର ଦାସ, ରମାକାନ୍ତ ରାଉଳ, ସମିତିସଭ୍ୟ ତରଣୀସେନ ମହାନ୍ତି, ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପଣ୍ଡୁଆ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶିକ୍ଷକ ନେତା ତାପସ ନାୟକ ମଞ୍ଚ ସଂଯୋଜନା, ବ୍ଲକ ସମ୍ପାଦକ ପ୍ରଭାକର ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ, ପ୍ରଧାନ ଶିକ୍ଷକ ପ୍ରତାପ ମହାନ୍ତି ସ୍ୱାଗତ ଭାଷଣ ଓ ଶିକ୍ଷକ ତୁଷାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଟୁନା ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ୩୨ ବିଦ୍ୟାଳୟରୁ ୬୧୨ ଛାତ୍ରୀଛାତ୍ର ୧୦ଟି ବିଭାଗରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶ୍ରେଷ୍ଠ ପ୍ରତିଯୋଗୀମାନେ ଆଗାମୀ ଜିଲାସ୍ତରୀୟ ଶିଶୁ ମେଳାରେ ଅଂଶଗ୍ରହଣ କରିବେ। ଶିକ୍ଷକ ସଞ୍ଜୟ ମହାଳିକ, ସରୋଜ ମହଲ, ଅଜୟ ରାଉତ, ରବୀନ୍ଦ୍ର ଦାସ, ବୀରବର ଦତ୍ତ, ଫକୀର ମାଇତି, ଆନନ୍ଦ ଦାସ, ସୁବାସ ପାଣିଗ୍ରାହୀ, ଦର୍ପନାରାୟଣ ପତି, ସୁରେନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ପାର୍କ

## ବହୁ କୋଟି ଖର୍ଚ୍ଚ ପରେ ବି କାମରେ ଆସୁନି

- ଉଦ୍‌ଘାଟନକୁ ୩ବର୍ଷ ହେଲାଣି, କାର୍ଯ୍ୟକ୍ଷମ ହୋଇପାରୁନି
- କେଉଁଠି ଘାସରେ ଭର୍ତ୍ତି ତ କେଉଁଠି ପାଚେରି ଫାଟିଗଲାଣି

ଧାମନଗର,୨୯।୧୧(ଦେବେନ୍ଦ୍ର ଆଦିଆ)



ରାହାପିତା ପାର୍କ।

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଅଞ୍ଚଳରେ ମୁକ୍ତା ଯୋଜନାରେ ୧୦ରୁ ଊର୍ଦ୍ଧ୍ୱ ପାର୍କ ନିର୍ମାଣ ହୋଇ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। କେଉଁଠି ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ତ କେଉଁଠି ଉଦ୍‌ଘାଟନକୁ ୩ବର୍ଷ ହେଲାଣି ହେଲେ କାର୍ଯ୍ୟକ୍ଷମ ନ ହୋଇ ଅନାବନା ଘାସରେ ପରିପୂର୍ଣ୍ଣ ହୋଇଛି। ସରକାରୀ ବାବୁ ଓ ରାଜନେତାଙ୍କୁ ପୋଷିବା ପାଇଁ ଏଭଳି ଯୋଜନା କରି ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି।

ଧାମନଗର ଏନ୍‌ଏସି ଅଧୀନ ରାହାପିତାଠାରେ ୨୦୨୨ରେ ମୁକ୍ତା ଯୋଜନାରେ ୨୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜନବସତିଠାରୁ ୨ କିଲୋମିଟର ଦୂରରେ ନିର୍ମାଣ ହୋଇଥିଲା ଏକ ପାର୍କ। ୨୦୨୩ରେ ଭଦ୍ରକର ତତ୍କାଳୀନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉକ୍ତ ପାର୍କକୁ ଉଦ୍‌ଘାଟନ କରିଥିଲେ। ହେଲେ ଏପର୍ଯ୍ୟନ୍ତ ପାର୍କଟି ତାଲା ପଡ଼ି ରହିଥିବା ବେଳେ ପରିସର ଅନାବନା ଘାସରେ ଭର୍ତ୍ତି ହୋଇଛି। ସେହିପରି କାଳୀପଡ଼ିଆ, ଜୟନଗର, ଦକ୍ଷିଣବାଡ଼, ଭଣ୍ଡରିପଦି ଆଦି ଅଞ୍ଚଳରେ କୋଟି କୋଟି ଟଙ୍କାରେ ନିର୍ମିତ ପାର୍କ କାମରେ ଆସୁନି। ରାତି ହେଲେ ଯୁବକମାନେ ପାଚେରି ଡେଇଁ ପାର୍କରେ ପଶି ନିଶା ସେବନ କରୁଥିବା ଦେଖିବାକୁ ମିଳୁଛି। ପାର୍କଗୁଡ଼ିକ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ କେଉଁଠି ପାଚେରି ଫାଟି ଗଲାଣି ତ କେଉଁଠି ଶୌଚାଳୟ ନିର୍ମାଣ ନ ହୋଇ ବିଲ୍ ହୋଇଛି। ଆବଶ୍ୟକ ନ ଥିବା ସ୍ଥାନରେ ମଧ୍ୟ ପାର୍କ ନିର୍ମାଣ କରାଯାଇଛି। ଜନବସତିଠାରୁ ଦୂରରେ ନିର୍ମାଣ ହୋଇଥିବାରୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ହେଲେ ଠିକାଦାର ଫାଙ୍କା ଜାଗାରେ ପାର୍କ ନିର୍ମାଣ କରି କୋଟି କୋଟି ଟଙ୍କା ହରିଲୁଟ୍ କରିଥିବା ଅଭିଯୋଗ ହେଉଛି। ଏନେଇ ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନାଙ୍କୁ ପଚାରିବାରୁ ସରକାରୀ ଅଧିକାରୀଙ୍କୁ ଅଭିଯୋଗ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା କହିଛନ୍ତି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକକହିଛନ୍ତି, ପାର୍କଗୁଡ଼ିକରେ ସାନିଟେସନ ପାଇଁ କର୍ମଚାରୀ ନ ଥିବାରୁ ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ। ତେବେ ଆସନ୍ତା ୮ଦିନ ମଧ୍ୟରେ ସମାଧାନ ହୋଇଯିବ।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୨୯।୧୧- ଛୋଟଖାନପୁରସ୍ଥିତ ସୁବର୍ଣ୍ଣରେଖା ନଦୀ ପଠାରୁ ବେଆଇନ ବାଲି ଚୋରା ଚାଲାଣ ବେଳେ ବଡ଼ାପାଳଠାରୁ ପୋଲିସ ୨ଟି ଟ୍ରାକ୍ଟର ଜବତ କରିଛି। ଏହି ଘଟଣାରେ ଦୁଇ ଟ୍ରାକ୍ଟର ଡ୍ରାଇଭରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଡ୍ରାଇଭର ହ୍ୟ ହେଲେ କାର୍ତ୍ତିକ ମଙ୍ଗରାଜ ଓ ଗୌତମ ଜେନା। ଏନେଇ ବାଲିଆପାଳ ଥାନାରେ ଏକ ମାମଲା(ନଂ.୨୬୬/୨୪) ରୁଜୁ ହୋଇଥିବା ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁ କହିଛନ୍ତି।

**ବାଲେଶ୍ୱର**

**ସଂକ୍ଷେପରେ**

## ୩ ମନ୍ଦିରରୁ ଚୋରି

ବାହାନଗା,୨୯।୧୧
(ଅରୂପ କୁମର ଦାସ)

ବାହାନଗା ବ୍ଲକ ଗୋପାଳପୁର, ଏବଂ ଓଡ଼ଶାଳ ପଞ୍ଚାୟତରେ ଥିବା ୩ଟି ମନ୍ଦିରରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ ଚୋରି ହୋଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବାଜିପୁର ଗ୍ରାମରେ ଥିବା ଗାୟତ୍ରୀ ମନ୍ଦିରର ମୁଖ୍ୟ ଗେଟ ତାଲା ଭାଙ୍ଗି ଭିତରକୁ ପଶି ମା'ଙ୍କ ରୁପା ମୁକୁଟ, ସୁନା ଅଣ୍ଟା ବିଛା, ଓ ହୁଣ୍ଡି ବାକ୍ସ ଆଦି ଚୋରି କରି ନେଇଛନ୍ତି। ସେହିପରି ଝଳଝଳିଆ ଗ୍ରାମରେ ଥିବା ରାଧାକୃଷ୍ଣ ମନ୍ଦିର, ମା' ସର୍ବ ମଙ୍ଗଳା ମନ୍ଦିରର ତାଲା ଭାଙ୍ଗି ସୁନା ମୁକୁଟ, ସୁନା ଜିଭ ସମେତ ହୁଣ୍ଡି ବାକ୍ସ ଚୋରି ହୋଇଛି। ରାଧାକୃଷ୍ଣ ମନ୍ଦିରରୁ ମଧ୍ୟ ବିଭିନ୍ନ ସାମଗ୍ରୀ ସହ ହୁଣ୍ଡି ବାକ୍ସ ଚୋରି ହୋଇଛି। ଗୋପାଳପୁର ଥାନା ପୋଲିସ ତଦନ୍ତ ଜାରି ରଖିଛି।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ଇମାମୀ ଜଗନ୍ନାଥ ମନ୍ଦିରର ୧୦ମ ପ୍ରତିଷ୍ଠା ଉତ୍ସବ**

ବାଲେଶ୍ୱର,୨୯।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ବିଜ୍ଞାପିତ ଅଞ୍ଚଳ ବାଲଗୋପଲପୁର ଶିଳ୍ପାଞ୍ଚଳସ୍ଥିତ ଇମାମି ନଗର ଶ୍ରୀଜଗନ୍ନାଥ ମନ୍ଦିରର ୧୦ମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏନେଇ ମନ୍ଦିର ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରାଦେବୀଙ୍କୁ ସୁସଜିତ ସୁନାବେଶରେ ଦର୍ଶନ କରି ଭକ୍ତ, ଶ୍ରଦ୍ଧାଳୁମାନେ ଆଶିଷ ଲାଭ କରିଥିଲେ।

ସକାଳେ ୧୦୮ ସୁବାସିତ କଳସ ଯାତ୍ରା ସମାପନରେ ଗର୍ଭଗୃହରେ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମାତା ସୁଭଦ୍ରା ଅପୂର୍ବ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ଅପରାହ୍ନରେ ମହାଯଜ୍ଞ ସାଙ୍ଗକୁ ହରିନାମ ସଙ୍କୀର୍ତ୍ତନରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା।


ତିନି ଠାକୁର ସୁନାବେଶରେ ଦର୍ଶନ ଦେଉଛନ୍ତି।

ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଓ ଇମାମି ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶୀଲ କୁମାର ଗୋଏଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ପେପର ମିଲ୍‌ର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପ ସଭାପତି ରାଜେଶ କୁମାର୍ ମିତ୍ତଲ, ଚନ୍ଦ୍ରେଶ ଗୁପ୍ତା, ସାଧାରଣ ପରିଚାଳକ ଡା. ୟୁଶୋଫ ଅଲ୍ଲୀ ଶୋଲଙ୍କି, ଡିଜିଏମ୍ ଦେବବ୍ରତ ହୋତା, ତଥା ବରିଷ୍ଠ ଅଧିକାରୀ ଓମ୍ ପ୍ରକାଶ ଶର୍ମା, ରମେଶ ଚନ୍ଦ୍ର ଖୁଣ୍ଟିଆ, ରାଜେନ୍ଦ୍ର କୁଣ୍ଡ, ବିରେନ୍ଦ୍ର କୁମାର ନାୟକ, ମନୋଜ ଦାଶ, ସଞ୍ଜିତ କୁମାର ସାହୁ, ଦୀପିକା ପଞ୍ଜା, ବିନୋଦ କୁମାର ଜେନ, ଇମାମି ଲେଡିସ କ୍ଲବ ସଭାପତି ବନ୍ଦନା ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ। ଶ୍ରମିକ ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ କୁମାର ପଣ୍ଡା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତଙ୍କ ସମେତ ପୂଜକ, ସେବାୟତ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଚିହ୍ନଟ ଶିବିର,୯୩୫ ପଞ୍ଜୀକୃତ


ଚିହ୍ନଟ ଶିବିରକୁ ଆସିଥିବା ଦିବ୍ୟାଙ୍ଗ ଓ ସେମାନଙ୍କ ସମ୍ପର୍କୀୟମାନେ।

ଖଇରା,୨୯।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଶୁକ୍ରବାର ଭୀମଭୋଇ ସାମର୍ଥ୍ୟ ଅଭିଯାନ ଅନ୍ତର୍ଗତ ଦିବ୍ୟାଙ୍ଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୩୫ ଜଣ ନାମ ପଞ୍ଜୀକୃତ କରିଛନ୍ତି। ଅସ୍ଥିଶଲ୍ୟରେ ୩୯୩ ଜଣ, ୨୧୨ଜଣ ମୁକବଧିର, ୧୬୫ଜଣ ଦୃଷ୍ଟି ବାଧିତ, ୧୨୯ଜଣଙ୍କୁ ମାନସିକ ଅନଗ୍ରସର ଭାବେ ଚିହ୍ନଟ କରାଯାଇଥିଲା। ଏଥିସହ ୩୬ଜଣଙ୍କୁ ବସ୍‌ପାସ ପ୍ରଦାନ କରାଯାଇଥିଲା। ବିଧାୟକ ପଦ୍ମଲୋଚନ ପଣ୍ଡା, ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଓ ବିଡିଓ ଅନନ୍ତ କୁମାର ହାଁସଦା ଶିବିରକୁ ଉଦ୍‌ଘାଟନ କରିଥିଲେ। ଡା. ପିୟୂଷ ପ୍ରକାଶ ମହାପାତ୍ର, ଡା. ଶିବାନନ୍ଦ ରଥ, ଡା. ସୁବାସ ଦାସ, ଡା. ପ୍ରଦୀପ କୁମାର ନାୟକ,ଡା.ଗିରିଜା ଶଙ୍କର ମହାନ୍ତି ପ୍ରମୁଖ ଦିବ୍ୟାଙ୍ଗଙ୍କ ପରୀକ୍ଷାନୀରିକ୍ଷା କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକଙ୍କ ସମେତ ଗୋଷ୍ଠୀ ଶିକ୍ଷାଧିକାରୀ, ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ,ଜନହିତ ଯୁବକ ସଂଘର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଚୋରି ପରେ ଦୋକାନରେ ନିଆଁ ଲଗାଇଦେଲେ

ସୋର,୨୯।୧୧(ଜନ୍ମେଜୟ ମିଶ୍ର): ସୋର ଥାନା ଶିଙ୍ଗାଖୁଣ୍ଟା ବଜାରରେ ଥିବା ଏକ ଗ୍ରୋସେରି ଦୋକାନରୁ ଗୁରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରିବା ପରେ ନିଆଁ ଲଗାଇ ଦେଇଛନ୍ତି। ଗୁଜଡିହା ଗ୍ରାମର ଉପେନ୍ଦ୍ର ଦୀକ୍ଷିତ ସିଙ୍ଗାଖୁଣ୍ଟା ବଜାରରେ ଦୀର୍ଘ ଦିନ ହେବ ଏକ ଭେରାଇଟ ଷ୍ଟୋର ସହ ଗ୍ରୋସେରି ଦୋକାନ କରିଥିଲେ। ଗୁରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସଟରକୁ ଗ୍ୟାସ କଟରରେ କାଟି ଚୋରି କରିବା ପରେ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡ ଯୋଗୁ ଗ୍ରୋସେରୀ ଦୋକାନ ସମେତ ନିକଟରେ ଥିବା ଏକ ଇଲେକ୍ଟ୍ରି ଦୋକାନ ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି। ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୋର ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ବଡ଼ସିମୁଳିଆ ଛକ-ସିମୁଳିଆ ହାଟ ରାସ୍ତା ମରଣଯନ୍ତା



କାଳିପଦା,୨୯।୧୧(ରାଜଶ୍ରୀ ପାଣିଗ୍ରାହୀ)- ମରାମତି ଅଭାବରୁ ବଡ଼ସିମୁଳିଆରୁ ସିମୁଳିଆ ହାଟ ପର୍ଯ୍ୟନ୍ତ ପ୍ରାୟ ଦେଢ଼କି.ମି. ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିବା ଅଭିଯୋଗ ହୋଇଛି।

ମରାମତି ଅଭାବରୁ ରାସ୍ତାରୁ କଂକ୍ରିଟ ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ରାସ୍ତା ମଧୁପୁରା ପଞ୍ଚାୟତ ଅଫିସ୍‌କୁ ସଂଯୋଗ ହେବା ସହିତ ସିମୁଳିଆ ସାପ୍ତାହିକ ହାଟ, ଦୈନନ୍ଦିନ ବଜାରକୁ ମଧ୍ୟ ସଂଯୋଗ କରୁଛି। ସବୁଠୁ ବଡ଼ କଥା ହେଲା ଉକ୍ତ ରାସ୍ତା ଦେଇ ଗଲେ ସମବାୟ ସମିତି, ସରକାରୀ ବିଦ୍ୟାଳୟ, ବିଇଓ ଅଫିସ ପଡୁଥିବାରୁ ସ୍କୁଲ ପିଲା ଏବଂ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଘଣ୍ଟୁଆ, ନିଖିରା, କୁମ୍ଭାରି ଦେଭୋକ ଅଞ୍ଚଳର ୨୦/୩୦ ଗ୍ରାମରୁ ଚାଷୀମାନେ ସିମୁଳିଆ ହାଟକୁ ପରିବା ବିକ୍ରି ପାଇଁ ଆସିଥାନ୍ତି। ଚାରିଚକିଆ କିମ୍ବା ମୋଟର ସାଇକେଲ ହେଉ ବାରମ୍ବାର ଦୁର୍ଘଟଣା ମଧ୍ୟ ଘଟୁଛି। ଉକ୍ତ ରାସ୍ତାର ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ରଜନୀକାନ୍ତ ଗିରି, ଅବୋଧ କୁମାର ଗିରି, ରାମକୃଷ୍ଣ ସାହୁ, ଅନନ୍ତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଯାଦବ ଜେନା, ଦାମୋଦର ଦାସ ଓ ସୁରଜ ନାରାୟଣ ପ୍ରସାଦ ପ୍ରମୁଖ ଦାବି କରିଛନ୍ତି। ଏକ ସପ୍ତାହ ମଧ୍ୟରେ ୧ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତାକୁ ମରାମତି କରାଯିବ ବୋଲି ମଧୁପୁରା ପଞ୍ଚାୟତ ସରପଞ୍ଚ ଗୀତାରାଣୀ ମାନ୍ନା କହିଛନ୍ତି।

## ପଞ୍ଚଲିଙ୍ଗେଶ୍ୱର, କୁଲଡିହା ଅଭୟାରଣ୍ୟ ଚଳଚଞ୍ଚଳ

**ଆରମ୍ଭ ହେଲାଣି ପର୍ଯ୍ୟଟନର ଋତୁ**

ନୀଳଗିରି,୨୯।୧୧(ପ୍ରଶାନ୍ତ ବିଶ୍ୱାଳ)

ଆରମ୍ଭ ହେଲାଣି ପର୍ଯ୍ୟଟନ ଋତୁ। ପାଗ ଅନୁକୂଳ ରହିଥିବାରୁ ଶନିବାର ଓ ରବିବାର ଭଳି ଛୁଟିଦିନର ଶୀତୁଆ ପରିବେଶରେ ସମୟ ବିତାଇବାକୁ ବାଲେଶ୍ୱର ଜିଲା ନୀଳଗିରିରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ପର୍ଯ୍ୟଟକଙ୍କ ଆଗମନ ଯୋଗୁ ପ୍ରାକୃତିକ ପ୍ରାଚୁର୍ଯ୍ୟତାର ଗନ୍ତାଘର ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଓ ସବୁଜ ବନାନୀ ସହିତ ବିସ୍ତୀର୍ଣ୍ଣ କୁଲଡ଼ିହା ଅଭୟାରଣ୍ୟ ଚଳଚଞ୍ଚଳ ହେଲାଣି। ପର୍ଯ୍ୟଟନ ମାନଚିତ୍ରରେ ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପଞ୍ଚଲିଙ୍ଗେଶ୍ୱର ଓ କୁଲଡ଼ିହା ଅଭୟାରଣ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାକାର ସ୍ୱତନ୍ତ୍ର ଆକର୍ଷଣ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଶୀତ ଋତୁରେ ଅଧିକ ଆକର୍ଷିତ କରିଥାଏ।

ଅନେକ ବର୍ଷ ପୂର୍ବରୁ ଦେବଗିରି ପର୍ବତମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ୫ଟି ଲିଙ୍ଗ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ବିଖ୍ୟାତ। ଏହି ପାଞ୍ଚ ଲିଙ୍ଗଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ୨୬୩ଟି ପାହାଚ ଅତିକ୍ରମ କରି ଆସିଥାନ୍ତି। ଏଠାରେ ନୀର ଶଯ୍ୟାରେ ବିଜେ ପାଞ୍ଚ ଲିଙ୍ଗଙ୍କୁ ସ୍ପର୍ଶ କରି ସାନିଧ୍ୟ ଲାଭ କରିବାର ସୁଯୋଗ ମିଳିଥାଏ। ପାଞ୍ଚଟି ଶୈବପୀଠରେ ପୂଜା କଲେ ଯେଉଁ ପୂଣ୍ୟ ମିଳିଥାଏ ପଞ୍ଚଲିଙ୍ଗେଶ୍ୱରରେ ସମାନ ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସାଙ୍ଗକୁ ଶୈବପୀଠର ପାଦଦେଶରେ ବଣଭୋଜିର ମଜା ପର୍ଯ୍ୟଟକଙ୍କୁ ବେଶ ଆନନ୍ଦ ଦେଇଥାଏ। ଏଠାରେ ପର୍ଯ୍ୟଟକଙ୍କ ରାତ୍ରୀଯାପନ ପାଇଁ ପର୍ଯ୍ୟଟନ ବିଭାଗ ପାନ୍ଥନିବାସ, ଏକକୁ ଆରକ ଏକାଧିକ ଘରୋଇ ନିବାସର ସୁବିଧା ଥିବାରୁ ଭିଡ ଜମିବାରେ ଲାଗୁଛି। ବାଲେଶ୍ୱର ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରୁ ଆସିବା ରାସ୍ତାରେ କ୍ଷୀରଚୋରା ଗୋପୀନାଥ ମନ୍ଦିର, ଇମାମି ଜଗନ୍ନାଥ ମନ୍ଦିର, ନୀଳଗିରି ଜଗନ୍ନାଥ ମନ୍ଦିର ସହିତ ନୀଳଗିରିର ଐତିହାସିକ ରାଜବାଟି ଓ ନୀଳଗିରିରୁ ମାତ୍ର ୪ କି.ମି. ଦୂର ସଜନାଗଡ଼ଠାରେ ଶହ ଶହ ବର୍ଷ ପୂର୍ବେ ପ୍ରତିଷ୍ଠିତ ମା' ଭୂଧାରଚଣ୍ଡୀଙ୍କ ପୀଠ ସମେତ ଏକାଧିକ ପର୍ଯ୍ୟଟନସ୍ଥଳୀ ରହିଛି।

ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ପକ୍ଷରୁ ଗୋହିରାଭୋଳଠାରେ ରାତ୍ରି ରହଣୀ ନିମନ୍ତେ 'ରିସିଆ ପ୍ରକୃତି ନିବାସ' ରହିଛି। ଅଭୟାରଣ୍ୟର ଅପରୂପ ସୌନ୍ଦର୍ଯ୍ୟ ସହ ପର୍ଯ୍ୟଟକମାନେ ଅତି ନିକଟରୁ ପଶୁପକ୍ଷୀଙ୍କୁ ଦେଖିବାର ବ୍ୟବସ୍ଥା ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରୁଛି।

## ୮ରେ ମେଗା ରକ୍ତଦାନ ଶିବିର

ଜଳେଶ୍ୱର (ରବିନାରାୟଣ ପାତ୍ର)/ଜଳେଶ୍ୱର(ନବୀନ ସାହୁ),୨୯/୧୧ : ଗର୍ଭବତୀ, ଥାଲାସେମିଆ ରୋଗୀ ଓ ବିଭିନ୍ନ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପାଇଁ ରକ୍ତର ଆବଶ୍ୟକତା ହେଉଥିବା ବେଳେ ବାଲେଶ୍ୱର ଜିଲା ରକ୍ତଦାତା ସଂଘ ପ୍ରକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇ ଆସୁଛି। ଆସନ୍ତା ଡିସେମ୍ବର ୮ତାରିଖରେ ୮୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯିବ ବୋଲି ଶୁକ୍ରବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମନୋରଞ୍ଜନ ଦାସ ଏହି ଖବରଦାତା ସମ୍ମିଳନୀକୁ ସଂଯୋଜନା କରିଥିଲେ। ବାଲେଶ୍ୱର ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଯୋଗଦେଇ ପ୍ରତିଦିନ ବାଲେଶ୍ୱର ଜିଲାରେ ୧୫୦ ୟୁନିଟ୍ ରକ୍ତର ଆବଶ୍ୟକତା ହେଉଥିବାରୁ ସହରଠାରୁ ମଫସଲ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ମାନ ଆୟୋଜନ କରାଯାଇ ଆସୁଛି ବୋଲି ପ୍ରକାଶ କରିଥିଲେ। ବୁଖାରୀବାବା ଅର୍ଡର ସପ୍ଲାୟର୍ସର ମୁଖ୍ୟ ସେକ୍ ସାଜନ୍, ସେକ୍ ଇସ୍‌ଲାମ, ଅବଦୁଲ ରହିମ, ଜାହିରା ବିବି, ସେକ୍ ସମୀର, ଗୌରାଙ୍ଗ ସିଂ, ସେକ୍ ନୌସାଦ, ସେକ୍ ସଫିର, ମୋତି ଖାନ୍, ଇନ୍‌ତାଜ ଖାନ, ପ୍ରତାପ ମହାପାତ୍ର, ସେକ୍ ଦିଲଜାନ, ଶିବ ପ୍ରଧାନ, ଅଂଶୁମାନ ରାଉତ, ବିଜୟ ମହାନ୍ତି, ଆଶିଷ ମହାନ୍ତି ଓ ବିଦ୍ୟୁତ୍ ପାଲ ପ୍ରମୁଖ ଉପସ୍ଥିତ ଥିଲେ ।

**ମୟୂରଭଞ୍ଜ**

# ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ରୋକିବାକୁ ଗୁରୁତ୍ୱ

**ବନ ଓ ବିଦ୍ୟୁତ୍ ବିଭାଗର ସମନ୍ୱୟ ବୈଠକ**

**ତାର ବିଛାଇ ହାତୀ ହତ୍ୟା ଘଟଣାରେ ଜେଲରେ ଅଛନ୍ତି ୯ ଅଭିଯୁକ୍ତ**

ବାରିପଦା, ୨୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ବୈଠକରେ ଉପସ୍ଥିତ ବନ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ।

ବିଦ୍ୟୁତ୍ ଆଘାତଜନିତ ହାତୀମୃତ୍ୟୁ ରୋକିବା ବା ଶୂନ୍ୟ ପାଇଁ ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସଂକଳ୍ପ ସମ୍ମିଳନୀ କକ୍ଷରେ ବନ ଓ ବିଦ୍ୟୁତ୍ ବିଭାଗର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ ଏଥିରେ ପୌରୋହିତ୍ୟ କରି ତାଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ବାରିପଦା, ବେତନଟୀ, ରାସଗୋବିନ୍ଦପୁର, ଦେଉଳି, ବାଙ୍ଗିରିପୋଷି, ଉଦଳା ଓ କପ୍ତିପଦା ୭ ବନାଞ୍ଚଳରେ ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ରୋକିବା ତଥା ଶୂନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସମଗ୍ର ରାଜ୍ୟରେ ଏପରି ହାତୀମୃତ୍ୟୁ ରୋକିବା ପାଇଁ ଦୁଇ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ମିଳିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଅଣ୍ଟା ଭିଡ଼ିଛି।

୭ ବନାଞ୍ଚଳରେ ବିଦ୍ୟୁତ୍ ବିଭାଗର ବାରିପଦା ଓ ଉଦଳା ଉପଖଣ୍ଡରେ ୭ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ୨୨ କନିଷ୍ଠ କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ବର୍ତ୍ତମାନ ଏହି ଅଞ୍ଚଳରେ ପୂର୍ବବର୍ଷଗୁଡ଼ିକଠାରୁ ସର୍ବାଧିକ ୧୧୫ଟି ହାତୀ ବିଚରଣ କରୁଥିବାରୁ ସେମାନଙ୍କ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ହାତୀପଲର ସ୍ଥିତି ଓ ଗତି ସମ୍ବନ୍ଧରେ ଉଭୟ ବିଭାଗର ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ତତ୍କାଳ ବାର୍ତ୍ତା ଦ୍ୱାରା ବିଦ୍ୟୁତ୍ ଆଘାତଜନିତ ମୃତ୍ୟୁକୁ ରୋକାଯିବା ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ପାଇଁ ଉଭୟ ବିଭାଗ ଏକମତ ହୋଇଥିଲେ। ପୂର୍ବରୁ ହାତୀ ଚଳପ୍ରଚଳର ନିର୍ଦ୍ଦିଷ୍ଟ ପଥ ଥିବାରୁ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଉଚ୍ଚ ତଥା କେବୁଲ ତାର ଟଣାଯାଇଥିଲା। ଏବେ ହାତୀପଲ ସବୁଆଡ଼େ ଯାତାୟାତ ପାଇଁ ୨୨ଟି ବିଦ୍ୟୁତ୍ କନିଷ୍ଠ କାର୍ଯ୍ୟାଳୟ ଅଧୀନରେ ହାତୀଙ୍କ ସୁରକ୍ଷା ଲାଗି ପୁନର୍ବାର ଲମ୍ବା ଖୁଣ୍ଟ ଓ ପ୍ରତିରୋଧକ ତାର, କଣ୍ଡକ୍ଟର ଓ ଆନୁଷଙ୍ଗିକ କାର୍ଯ୍ୟ ନିମନ୍ତେ ଡିପିଆର୍ ପ୍ରସ୍ତୁତ ହେବ। ଏନେଇ ପ୍ରତ୍ୟେକ ବିଦ୍ୟୁତ୍ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ୟୁନିଟ୍ ଭାବେ ନେଇ ଡିସେମ୍ବର ୫ ମଧ୍ୟରେ ଉଭୟ ବିଭାଗ ସହମତିରେ ଡିପିଆର୍ ପ୍ରସ୍ତୁତ ପାଇଁ ଏକମତ ହୋଇଥିଲେ। ସେହିପରି ହାତୀ ଚଳପ୍ରଚଳ କରୁଥିବା ଗ୍ରାମରେ ଜନସାଧାରଣଙ୍କୁ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଟିପିଏନ୍‌ଓଡିଏଲ୍‌ର ଅଧୀକ୍ଷଣ ଯନ୍ତ୍ରୀ ହରିଶ କୁମାର ପଣ୍ଡା, ବାରିପଦା ନିର୍ବାହୀ ଯନ୍ତ୍ରୀ କାହ୍ନୁଚରଣ ସର୍ଦ୍ଦାର, ଉଦଳା ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ଦାସ ଓ ଅତିରିକ୍ତ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ଉପସ୍ଥିତ ରହି ଆଲୋଚନା କରିଥିଲେ। ସମସ୍ତ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଏସିଏଫ୍, ରେଞ୍ଜର ଓ ଫରେଷ୍ଟର ଯୋଗ ଦେଇଥିଲେ। ସୂଚନାଥାଉ କି, ବାରିପଦା ବନଖଣ୍ଡର ବାଙ୍ଗିରିପୋଷି, ବେତନଟୀ ଓ ରାସଗୋବିନ୍ଦପୁର ରେଞ୍ଜ୍ ଅଞ୍ଚଳରେ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟୁତ୍ ତାର ବିଛାଇ ୩ଟି ହାତୀ ହତ୍ୟା ଘଟଣାରେ ଯଥାକ୍ରମେ ଜଣେ, ୫ଜଣ ଓ ୩ଜଣ ମୋଟ ୯ ଅଭିଯୁକ୍ତ ଗିରଫ ହୋଇଥିଲେ। ଜାମିନ ନାମଞ୍ଜୁର ହୋଇଥିବାରୁ ସମସ୍ତେ ବିଚାର ବିଭାଗୀୟ ହାଜତରେ ଦିନ କାଟୁଛନ୍ତି।

## ଗୋସମ୍ପଦ ସୁରକ୍ଷାରେ ଅବହେଳାକୁ ନେଇ ବିଧାୟକଙ୍କ କ୍ଷୋଭ

ବୈଶିଙ୍ଗା,୨୯।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ସାହି ଓ ବେତନଟୀ ବ୍ଲକ୍ ଅଞ୍ଚଳରେ ଗୋସମ୍ପଦ ବିପଦରେ ପଡ଼ିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ସାମାନ୍ୟତମ ଦାୟିତ୍ୱ ନିର୍ବାହ କରୁ ନ ଥିବା ନେଇ ବଡ଼ସାହି ବିଧାୟକ ସନାତନ ବିଜୁଳି ବିଧାନସଭାରେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରାଣୀଧନ ଚିକିତ୍ସାଳୟରୁ ଲୋକେ ସାମାନ୍ୟତମ ଚିକିତ୍ସା ସୁବିଧା ପାଉ ନ ଥିବା ଯୋଗୁ ଗୃହପାଳିତ ପ୍ରାଣୀଙ୍କ ଜୀବନହାନୀ ଘଟୁଛି। ଫଳରେ ଲୋକଙ୍କ ଭିତରେ ଗୃହପାଳିତଙ୍କୁ ରଖିବାର ଆଗ୍ରହ ପ୍ରକାଶ ପାଉନାହିଁ ବୋଲି କହିଥିଲେ। ପ୍ରାଣୀଧନ ଚିକିତ୍ସକମାନେ ଅଧିକାଂଶ ଦିନ ଚିକିତ୍ସାଳୟକୁ ଆସୁ ନ ଥିବା ଯୋଗୁ ଲୋକଙ୍କ ଗୋରୁ ଅକାଳରେ ମୃତ୍ୟୁବରଣ କରୁଥିବାରୁ ଚିନ୍ତା ପ୍ରକଟ କରିଛନ୍ତି। ପଞ୍ଚାୟତରେ ଲାଇଭ ଷ୍ଟକ ସେଣ୍ଟର ନାହିଁ। 'କାମଧେନୁ' ଯୋଜନାରେ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କରାଗଲେ ଜନସାଧାରଣ ବେଶ ଉପକୃତ ହୋଇପାରିବେ ବୋଲି ଦାବି ଉପସ୍ଥାପନ କରିଛନ୍ତି। ମତ୍ସ୍ୟ ଓ ପଶୁପାଳନ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉତ୍ତର ରଖିଥିଲେ ଯେ, ରାଜ୍ୟରେ ଗୋସମ୍ପଦ ଓ କ୍ଷୀର ଉତ୍ପାଦନ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଗୋଶାଳା ନିର୍ମାଣ ଆରମ୍ଭ ହୋଇଯାଇଛି। ଏଥିପାଇଁ ୯ କୋଟି ବ୍ୟୟ ବରାଦ କରାଯାଇଛି। ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ୫୨ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ଗୋଶାଳା ନିର୍ମାଣ କରାଯିବ। ଗୋଶାଳାରେ ପ୍ରତ୍ୟେକ ଗାଈ ପ୍ରତି କୋଡ଼ିଏ ହଜାର ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟରେ କାମଧେନୁ ଯୋଜନାର କାର୍ଯ୍ୟକାରିତା ପାଇଁ ୧୪୨୩କୋଟିଟଙ୍କାର ବ୍ୟୟ ଅଟକଳ କରାଯାଇଥିବା କହିଥିଲେ।

## ଜିଲା ଜଳ, ପରିମଳ ମିଶନ କାର୍ଯ୍ୟନିର୍ବାହୀ ଓ ସମନ୍ୱୟ କମିଟି ବୈଠକ

ବାରିପଦା,୨୯।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ସମନ୍ୱୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲା ଜଳ ଓ ପରିମଳ ମିଶନ ଅନୁକୂଲ୍ୟରେ କାର୍ଯ୍ୟନିର୍ବାହୀ ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ପ୍ରତ୍ୟେକ ପରିବାର ଏବଂ ସମସ୍ତ ଜନସାଧରଣ ସମ୍ମିଳିତ ସ୍ଥାନ, ଶିକ୍ଷାନୁଷ୍ଠାନଗୁଡ଼ିକୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦେବା ନେଇ ତୃଣମୂଳ ସ୍ତରରେ କିଭଳି ପଦକ୍ଷେପ ନିଆଯାଇଛି, ସେ ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପାଇପ୍ ଯୋଗେ ସ୍ୱଚ୍ଛ ଜଳ ଏବଂ ସବୁ ବିଦ୍ୟାଳୟର ହଷ୍ଟେଲରେ ଏହି ସୁବିଧା ଯୋଗାଇ ଦେବାକୁ ବିହିତ ପଦକ୍ଷେପ ନେବା ପାଇଁ ଜଳ ଯୋଗାଣ ଉପ-ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ ସହଯୋଗିତାରେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ ସକ୍ଷମ ଯୋଜନା ମାଧ୍ୟମରେ ପ୍ରତ୍ୟେକ ଘର ସହ କିଚେନ ଗାର୍ଡେନ ଯୋଜନାରେ ସମସ୍ତ ସ୍ଥାନକୁ ପର୍ଯ୍ୟାପ୍ତ ପରିମାଣରେ ଜଳ ଯୋଗାଣ କିଭଳି ହୋଇପାରିବ, ସେ ବିଷୟରେ ଧ୍ୟାନ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକ ସମସ୍ତ ବ୍ଲକ ସ୍ତର ଗ୍ରେ-ୱାଟର ମ୍ୟାନେଜମେଣ୍ଟକୁ କିଭଳି ବିସ୍ତୃତ ଭାବେ ଲାଗୁ କରାଯିବ ସେ ବିଷୟରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଜିଲାରେ ମେଗା ପାଇପ୍ ଜଳ ଯୋଗାଣକୁ ତ୍ୱରାନ୍ୱିତ, ସମସ୍ତ ଜଳ ଯୋଗାଣ ସ୍ଥାନରେ ଭୂମି ସୀମାଙ୍କନ ଆଦି କାର୍ଯ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ନେଇ ଆଲୋଚନା ହୋଇଥିଲା। ବିଜୁଳି, ବନ, ପୂର୍ତ୍ତ, ଶିକ୍ଷା, ଗୃହ ନିର୍ମାଣ, ରାଜସ୍ୱ, ଜାତୀୟ ରାଜପଥ ନିର୍ମାଣ ଆଦି ବିଭାଗ ସମ୍ବଳିତ ଜଳ ଯୋଗାଣ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ତୁରନ୍ତ ନିର୍ଯ୍ୟାସ ପାଇଁ ଏହି କାର୍ଯ୍ୟକାରୀ ବୈଠକରେ ନିଜ ମତ ରଖିଥିଲେ। କାର୍ଯ୍ୟନିର୍ବାହୀ କମିଟି ବୈଠକକୁ ପ୍ରତ୍ୟେକ ଉପଖଣ୍ଡ ସ୍ତରରେ ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ କରାଇବା ପାଇଁ ମଧ୍ୟ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବାରିପଦା ଜଳ ଯୋଗାଣ ନିର୍ବାହୀ ଅଧିକାରୀ ଜ୍ଞାନେନ୍ଦ୍ର ନାୟକ ସଞ୍ଚାଳନ କରିଥିବା ବେଳେ ସମସ୍ତ ବିଭାଗୀୟ, ଉପବିଭାଗୀୟ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ।

## ଭାଷା, ପରମ୍ପରାକୁ ନେଇ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**୨ରୁ ମୟୂରଭଞ୍ଜ ମହୋତ୍ସବ**

ବାରିପଦା,୨୯।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଛଉନୃତ୍ୟଠାରୁ ଆରମ୍ଭ କରି ଝୁମର ଏବଂ ଐତିହ୍ୟ ବହନ କରୁଥିବା ରାଜପ୍ରାସାଦ ଓ ନିଖୁଣ କାରୁକାର୍ଯ୍ୟରେ ତିଆରି ମନ୍ଦିରକୁ ନେଇ ସ୍ୱତନ୍ତ୍ରତା ରହିଛି। ଜିଲାର ଭାସ୍କର୍ଯ୍ୟ, କଳାକୁ ଉଜ୍ଜିବୀତ ରଖିବା ନେଇ ଆରମ୍ଭ ହୋଇଥିବା ମୟୂରଭଞ୍ଜ ମହୋତ୍ସବ ୭ମ ବର୍ଷରେ ପଦାର୍ପଣ କରୁଛି। ମହୋତ୍ସବ ମାଧ୍ୟମରେ ଜିଲାର ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ସହିତ ଏହାର ବିକାଶ ପାଇଁ ପ୍ରୟାସ କରାଯାଉଛି। ଏଥିସହ ରାଜ୍ୟ ଓ ରାଜ୍ୟ ବାହାରୁ ଆଦିବାସୀ ନୃତ୍ୟ, ସଙ୍ଗୀତ ଓ ପରମ୍ପରାର ଝଲକ ସହ ନାମିଦାମୀ କଳାକାରଙ୍କୁ ନେଇ ୧୦ଦିନ ବ୍ୟାପୀ ବାରିପଦାସ୍ଥିତ ଐତିହାସିକ ଛଉ ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।


ଖବରଦାତା ସମ୍ମିଳନୀରେ ମହୋତ୍ସବ କମିଟିର କର୍ମକର୍ତ୍ତା।

ସୂଚନା ଅନୁଯାୟୀ, ଚଳିତ ବର୍ଷ ଡିସେମ୍ବର ୨ ରୁ ମୟୂରଭଞ୍ଜ ମହୋତ୍ସବ ଆରମ୍ଭ ହୋଇ ୧୧ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୧ରେ କାର୍ନିଭାଲ ଶୋଭାଯାତ୍ରା ବାରିପଦା ସହର ପରିକ୍ରମା କରିବ। ଜିଲାର ସଦର ମହକୁମା ବାରିପଦା ଛଉ ପଡ଼ିଆରେ ଅନୁଷ୍ଠିତ ମହୋତ୍ସବରେ ବାରୁଣେଶ୍ୱର ମହାଦେବଙ୍କ ମନ୍ଦିର ତୋରଣ ମୁଖ୍ୟ ଆକର୍ଷଣ ରହିଛି। ଆଦିବାସୀ ପରମ୍ପରାକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ୩ ଦିନ ପରିବେଷଣ କରାଯିବ। ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ ଦିନ କୁଡୁମାଲି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି କରାଯାଇଛି। ୨ ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସାଂସ୍କୃତି କାର୍ଯ୍ୟକ୍ରମରେ ନାମୀଦାମୀ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିବେ ବୋଲି କମିଟିର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା କହିଛନ୍ତି। ଉତ୍ସବରେ ଜିଲାର ହସ୍ତଶିଳ୍ପ, ପାରମ୍ପିକ ଖାଦ୍ୟ, କୁଟୀର ଶିଳ୍ପକୁ ନେଇ ୨ ଶହରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲିବ। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି କହିଛନ୍ତି। ଯୁବପିଢିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ପୂର୍ବ ବର୍ଷ ପରି ସେଲ୍‌ଫି ଜୋନ୍‌ର ବ୍ୟବସ୍ଥା କରାଯାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏଥି ସହିତ ଫୁଟବଲ, ଲାଖବିନ୍ଧା ପ୍ରତିଯୋଗିତା ସାଙ୍ଗକୁ ରିଲ୍ସ ପ୍ରତିଯୋଗିତାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ଆୟୋଜକ କମିଟିର ଅଧ୍ୟକ୍ଷ ଅସିତ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ ପାଇଛି। ବିପ୍ଳବ ଭଞ୍ଜନ ବୁଗୁଡ଼େଇ, ଲଡୁ କେଶ୍ୱର ରଣା, ସତ୍ୟଜିତ୍ ସୋମ, ତାପସ ପାଢ଼ୀ, ରାକେଶ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

